بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨୪ ଜାନୁଆରୀ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

**ସରିୟା କୁରଜ୍ ବିନ୍ ଜାବିର୍ ଏବଂ ଜି-କରଦ୍ ଯୁଦ୍ଧର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅ.ଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ।**

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱର ଅ.ବ କହିଲେ; ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅ.ଙ୍କ କାଳରେ ଘଟିଥିବା ଯୁଦ୍ଧର ଚର୍ଚ୍ଚା ଚାଲିଥିଲା । ଆଜି ସେହିକ୍ରମରେ ସର୍ବପ୍ରଥମେ ସରିୟା କୁରଜ୍ ବିନ୍ ଜାବିର୍‌ର ଆଲୋଚନା କରିବି । ଏହି ସରିୟା ଶୱାଲ ମାସ ୬ ହିଜ୍‌ରୀରେ ଅରାନେଇନ୍ ଅଭିମୁଖେ ହୋଇଥିଲା । ଆଉ କେତେକଙ୍କ କହିବାନୁଯାୟୀ ଏହି ସରିୟା ସଇଦ୍ ବିନ୍ ଜୈଦ୍ କରିଥିଲେ କିନ୍ତୁ ଅଧିକାଂଶ (ଇତିହାସବିତ୍) କୁହନ୍ତି; ଏହି ସରିୟା କୁରଜ୍ ବିନ୍ ଜାବିର୍‌ଙ୍କ (ନେତୃତ୍ୱରେ) ହୋଇଥିଲା । ଆଉ ଏକ କଥନ ଏହା ମଧ୍ୟ ରହିଛି ଯେ, ଏହି ସରିୟା ଜରିର୍ ବିନ୍ ଅବ୍‌ଦୁଲ୍ଲାଃଙ୍କ (ଅଧ୍ୟକ୍ଷତାରେ) ହୋଇଥିଲା । କିନ୍ତୁ ଏହି ବର୍ଣ୍ଣନାର ଖଣ୍ଡନ କରାଯାଇଛି ।

ଏହି ସରିୟାର ବ୍ୟାଖ୍ୟା ଏପରି ବର୍ଣ୍ଣିତ ରହିଛି ଯେ, ଉକଲ୍ ଓ ଅରିନା କବିଲାର ପାଖାପାଖି ଆଠ ଜଣ ବ୍ୟକ୍ତି ପୁଣ୍ୟଶ୍ଳୋକ ହଜରତ ମୁହମ୍ମଦ ସ.ଅ.ଙ୍କ ସେବାରେ ଉପସ୍ଥିତ ହେଲେ, ଯେଉଁମାନେ ବ୍ୟାଧିଗ୍ରସ୍ତ ଥିଲେ ସେମାନେ ହୁଜୁର ସ.ଅ.ଙ୍କ ଠାରୁ ଶରଣ ଭିକ୍ଷା କଲେ ଏବଂ ଆହର ମଧ୍ୟ ବରାଦ କଲେ କି ଆମକୁ ଭୋଜନ କରାନ୍ତୁ, ଆମେ ଭୋକିଲା ଅଛୁ । ତେବେ ସେମାନଙ୍କୁ ମସଜିଦ୍ ନବୀରେ ରଖାଗଲା ଏବଂ ଖୁବ୍ ଶୀଘ୍ର ସେମାନେ ସ୍ୱାସ୍ଥ୍ୟବାନ ହୋଇଗଲେ । କିନ୍ତୁ ସେମାନଙ୍କ (ଶରୀର) ମଦିନାର ଜଳବାୟୁ ସହିତ ଖାପଖାଇଲା ନାହିଁ । ସୁତରାଂ ସେମାନେ ହୁଜୁର ସ.ଅ.ଙ୍କ ଅନୁମତି ଓ ଆଦେଶକ୍ରମେ ଓଟମାନଙ୍କ ଚାରଣଭୂମି ଆଡ଼କୁ ଚାଲିଗଲେ । ପରମ ଦୟାଳୁ ହଜରତ ମୁହମ୍ମଦ ସ.ଅ.ଙ୍କର ଏପରି ଦୟା ଓ ସହାନୁଭୂତି ଆଚରଣ ସତ୍ତ୍ୱେ ଯେତେବେଳେ ସେମାନେ ଉକ୍ତ ଚାରଣଭୂମିରେ ପହଞ୍ଚିଲେ, ବିପଥଗାମୀ ପାଲଟିଗଲେ ଏବଂ ଓଟମାନଙ୍କୁ ତଡି ନିଜ ସାଥିରେ ନେଇ ଚାଲିଗଲେ । ଏପରି ସ୍ୱାସ୍ଥ୍ୟବାନ ହେବା ପରେ ସେମାନେ ନବୀଶ୍ରେଷ୍ଠ ସ.ଅ.ଙ୍କ ସହିତ ବିଶ୍ୱାସଘାତକତା କରିଥିଲେ । ହୁଜୁର ସ.ଅ.ଙ୍କ ସ୍ୱାଧୀନତା ପ୍ରାପ୍ତ କ୍ରୀତଦାସ ୟସାର୍ ଓ ତାଙ୍କର କିଛି ସାଥୀ ସେମାନଙ୍କ ପିଛା କଲେ, ମୁସଲମାନମାନଙ୍କୁ ଦେଖି ସେମାନେ ତାଙ୍କର ମୁକାବିଲା କଲେ ଏବଂ ଅତି ନିଷ୍ଠୁରତା ପୂର୍ବକ ୟସାର୍‌ଙ୍କର ହାତ ଓ ଗୋଡ଼ କାଟିଦେଲେ । ଆଉ ତାଙ୍କ ଚକ୍ଷୁ ଓ ଜିହ୍ୱାରେ କଣ୍ଟା ଗେଞ୍ଜି ତାଙ୍କୁ ଶହିଦ୍ କରିଦେଲେ । ସେଥିଅନ୍ତେ ସେମାନେ ଓଟ ଚରାଳୀମାନଙ୍କ ନିକଟକୁ ଆସିଲେ ଏବଂ ସେମାନଙ୍କୁ ମଧ୍ୟ ହତ୍ୟା କରିଦେଲେ । ସେମାନଙ୍କ ମଧ୍ୟରୁ ବର୍ତ୍ତି ଯାଇଥିବା ଜଣେ ବ୍ୟକ୍ତି ମହାଭାଗଙ୍କ ସେବାରେ ଉପସ୍ଥିତ ହୋଇ କହିଲେ; ସେହି ଦୁର୍ଜନମାନେ ମୋ ସାଥୀମାନଙ୍କୁ ନିହତ କରି ଆମ ଓଟଗୁଡ଼ିକୁ ନେଇ ଚାଲିଗଲେ । ଏହି ସୂଚନା ମିଳିବା ପରେ ହୁଜୁର ସ.ଅ ୨୦ଜଣ ସାହାବାଙ୍କର ଏକ ଦଳ ଗଠନ କରି ପ୍ରେରଣ କଲେ । ଯେଉଁମାନେ ହୁଜୁର ସ.ଅ.ଙ୍କ ଦୁଆ ଫଳରେ ସେହିଦିନ ଅଥବା ତା' ପରବର୍ତ୍ତୀ ଦିନ ସେହି କପଟବିଶ୍ୱାସୀ ଦୁରାଚାରୀମାନଙ୍କୁ ଧରିନେଲେ । ଆଉ ସେମାନଙ୍କୁ

ମହାଭାଗଙ୍କ ସେବାରେ ଉପସ୍ଥିତ କରାଗଲା ।

ଭିନ୍ନ ବର୍ଣ୍ଣନାନୁଯାୟୀ ହଜରତ ମୁହମ୍ମଦ[ସ.ଅ] ସେହି ଦୁରାଚାରୀମାନଙ୍କ ସହିତ ସେହିପରି ଆଚରଣ କଲେ ଯେପରି (ବିଭିଷ) କାଣ୍ଡ ସେମାନେ ମୁସଲମାନ ପଶୁ ଚରାଳୀମାନଙ୍କ ସହିତ କରିଥିଲେ । କିନ୍ତୁ ସେପର୍ଯ୍ୟନ୍ତ ସୁଦ୍ଧା ମୁସ୍‌ଲାଃ (ହାତକାନ କାଟିବା) ନିଷେଧ ହେବା ସମ୍ବନ୍ଧିୟ ଇସଲାମୀୟ ନିର୍ଦ୍ଦେଶାବଳୀ ଅବତୀର୍ଣ୍ଣ ହୋଇ ନଥିଲା । ପରବର୍ତ୍ତୀ ସମୟରେ ଯେତେବେଳେ ଏହି ନିଷେଧାଦେଶ ଅବତୀର୍ଣ୍ଣ ହେଲା ସେତେବେଳେ ମହାଭାଗ **ଯେ କୌଣସି ସୈନ୍ୟବାହିନୀକୁ କୌଣସି ଅଭିଯାନରେ ପ୍ରେରଣ କରୁଥିଲେ ତାଙ୍କୁ ମୁସ୍‌ଲାଃ କରିବାକୁ ବାରଣ କରୁଥିଲେ ଏବଂ ସଦ୍‌କା କରିବାକୁ ପ୍ରୋତ୍ସାହିତ କରୁଥିଲେ ।**

ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] କୁହନ୍ତି; ମୁସଲମାନମାନଙ୍କର ସେହିଦିନ ଗୁଡ଼ିକ ଅତି ଭୟପ୍ରଦ ଦିନ ଥିଲା । କାରଣ କୁରୈଶ୍ ଓ ୟହୁଦିମାନଙ୍କ ଯୋଗୁଁ ସାରା (ଆରବ) ଦେଶରେ ଶତ୍ରୁତା ଓ ଉପଦ୍ରବର ଅଗ୍ନି ପ୍ରଜ୍ୱଳିତ ହେଉଥିଲା । ଆଉ ନୂତନ ପଲିସି ଅନ୍ତର୍ଗତ ସେମାନେ ଏହି ନିର୍ଣ୍ଣୟ କରିଥିଲେ ଯେ, ମଦିନା ଉପରେ ସିଧାସଳଖ ଆକ୍ରମଣ କରିବା ପରିବର୍ତ୍ତେ ମୁସଲମାନମାନଙ୍କୁ ଧୋକା ଦେଇ କ୍ଷତି ପହଞ୍ଚାଯାଉ ।

ଏହି ଅତ୍ୟାଚାରୀମାନଙ୍କୁ ଦଣ୍ଡ ଦେବା ସଂକ୍ରାନ୍ତରେ ହଜରତ ମିର୍ଜା ବଶିର ଅହେମଦ ସାହେବ[ର.ଅ] କୁହନ୍ତି; ଏହି ମାମଲାରେ ଅତ୍ୟାଚାରର ପ୍ରାରମ୍ଭ ଅମାନ୍ୟକାରୀଙ୍କ ଆଡୁ ହୋଇଥିଲା । ଆଉ ଉକ୍ତ ନିଷ୍ପତ୍ତି ମଧ୍ୟ ମୁସଓ୍ୱି ଶରିୟତ୍ ଅନୁଯାୟୀ କରାଯାଇଥିଲା । କିନ୍ତୁ ତଥାପି ଇସଲାମ ସେହି ପରିପନ୍ଥାକୁ ଅବ୍ୟାହତ ରଖିଲା ନାହିଁ, ବରଂ ଆସନ୍ତାରେ ସେହି ପ୍ରକ୍ରିୟାରୁ ନିବୃତ୍ତ ରହିବାକୁ ନିର୍ଦ୍ଦେଶ ଦେଲା ।

ହୁଜୁର[ସ.ଅ] କହିଲେ; କେତେକ ପାଶ୍ଚାତ୍ୟ ଅନୁସନ୍ଧାନକାରୀ ଯେଉଁମାନଙ୍କ ମଧ୍ୟରେ ମିଓର ସାହେବ ମଧ୍ୟ ସାମିଲ ଅଛନ୍ତି, ଏହି ଘଟଣା ଚର୍ଚ୍ଚା କରି ନିଜ ଅଭ୍ୟାସ ମୁତାବକ ଆପତ୍ତି କରିଛନ୍ତି । ଯଦିଚ ଏହି ମାମଲାରେ ଇସଲାମ ସମ୍ପୂର୍ଣ୍ଣ ରୂପେ ପବିତ୍ର ଦୃଶ୍ୟମାନ ହେଉଛି କାରଣ ଅସଲରେ ଏହି ନିଷ୍ପତ୍ତି ଇସଲାମର ନଥିଲା ବରଂ ହଜରତ ମୁସା [ଅ.ସ]ଙ୍କର ଥିଲା । ଯାହାଙ୍କ ଶରିୟତ୍ ହଜରତ ଯିଶୁ ମସିହ୍ ପ୍ରତ୍ୟାହାର କରି ନଥିଲେ ବରଂ ଅବ୍ୟାହତ ରଖିଥିଲେ । ହଁ ଯଦି ଆମ ଆପତ୍ତିକାରୀଙ୍କ ଦୃଷ୍ଟିରେ ମସିହ୍‌ଙ୍କର ଏହି କଥନ ରହିଛି ଯେ, ଗୋଟିଏ ଗାଲରେ ଚାପୁଡ଼ା ଖାଇବା ପରେ ଅନ୍ୟ ଗାଲଟି ଦେଖାଇଦିଅ... । ପ୍ରଶ୍ନ ଉଠୁଛି ଯେ, ଏହି ଶିକ୍ଷା କେଉଁ ବୁଦ୍ଧିମାନ ବ୍ୟକ୍ତି ମତରେ ସ୍ୱୀକାର ଯୋଗ୍ୟ ଏବଂ କ'ଣ ଆଜି ପର୍ଯ୍ୟନ୍ତ କୌଣସି ଖ୍ରୀଷ୍ଟଧର୍ମୀ ପୁରୁଷ ଓ ମହିଳା ଅଥବା ତାଙ୍କର କୌଣସି ଗୋଷ୍ଠୀ ଅବା ପ୍ରଶାସନ ଏହି ଶିକ୍ଷାର ପାଳନ କରୁଛନ୍ତି ? **ନିଃସନ୍ଦେହରେ ମଞ୍ଚ ଉପରେ ଚଢ଼ି ଭାଷଣ ଦେବା ପାଇଁ ତ ଏହା ଏକ ବଳିଷ୍ଠ ଶିକ୍ଷା କିନ୍ତୁ ବାସ୍ତବିକ ଜୀବନରେ ଏହି ଶିକ୍ଷାର କୌଣସି ଓଜନ ନାହିଁ ।** ଆପଣ କହିଲେ; ଇସଲାମ ଅତିଶୟତା ଓ ଅତିନିମ୍ନତା ପଥକୁ ବାଦ ଦେଇ ମଧ୍ୟବର୍ତ୍ତୀ ମାର୍ଗ (ଶିକ୍ଷା) ପ୍ରଦାନ କରିଛି, ଯଦ୍ଦ୍ୱାରା ଜଗତରେ ପ୍ରକୃତ ଶାନ୍ତିର ଭିତ୍ତି ସ୍ଥାପନ ହୋଇପାରିବ । ଅର୍ଥାତ ପ୍ରତ୍ୟେକ ଅପକର୍ମର ଦଣ୍ଡ ତାହା ଅନୁକୂଳ ଓ ତାହାର କଠୋରତା ଅନୁଯାୟୀ ପ୍ରଦାନ କରିବା ଉଚିତ୍ । କିନ୍ତୁ ଯଦି ପରିସ୍ଥିତିକୁ ଲକ୍ଷ କରି ବୋଧ ହୁଏ କି କ୍ଷମା କରିଦେଲେ ଅଥବା ନମ୍ରତା ପ୍ରଦର୍ଶନ କଲେ ସଂଶୋଧନ ହୋଇପାରିବ ତେବେ କ୍ଷମା କରିବା ଅଥବା ନମ୍ରତା ପ୍ରଦର୍ଶନ କରିବା ଶ୍ରେୟସ୍କର । ଏପରି ବ୍ୟକ୍ତି ପରମେଶ୍ୱରଙ୍କ ସମକ୍ଷ ଉତ୍ତମ ପ୍ରତିଫଳ (ପାଇବା)ର ଅଧିକାରୀ ସାବ୍ୟସ୍ତ ହେବ । ଇସଲାମ ଏହି ପ୍ରତିବନ୍ଧ ଲଗାଇ ଦେଇଛି ଯେ, ଏକ ନିର୍ଦ୍ଦିଷ୍ଟ ସୀମାକୁ ଅତିକ୍ରମ ନକର ଏବଂ ମୁସ୍‌ଲାଃ ଆଦି ହିଂସ୍ର ପ୍ରବୃତ୍ତି କାର୍ଯ୍ୟକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରିଦିଅ । ଏହା ମୁକାବିଲାରେ ଖ୍ରୀଷ୍ଟଧର୍ମୀମାନେ ହଜରତ ମସିହ [ଅ.ସ]ଙ୍କର ଏହି ଲୋକଦେଖାଣିଆ ଶିକ୍ଷା ସତ୍ତ୍ୱେ ସେମାନେ ଶତ୍ରୁ ସହିତ ଯେପରି ଆଚରଣ କରୁଛନ୍ତି ଏବଂ ଯୁଦ୍ଧକ୍ଷେତ୍ରରେ ଯେପରି ବ୍ୟବହାର ପ୍ରଦର୍ଶନ କରୁଛନ୍ତି ତାହା

ବିଶ୍ୱ ଇତିହାସରେ ଏକ ଖୋଲା ପୁସ୍ତକ ସଦୃଶ । ଯାହାର ବୃତ୍ତାନ୍ତ କରିବା ଏହିସ୍ଥଳେ ଆବଶ୍ୟକତା ନାହିଁ । ସେଠାରେ ସେମାନେ କେଉଁ (ସୀମା ଉଲଘଂନ) ବା କରୁ ନାହାନ୍ତି ।

ବର୍ତ୍ତମାନ ଆଉ ଏକ ଯୁଦ୍ଧର ଚର୍ଚ୍ଚା କରିବି, ଯାହାକି ଜି-କରଦ୍ ନାମରେ ସୁପରିଚିତ । ଏଥିସଂକ୍ରାନ୍ତରେ ଇତିହାସବିତ୍ ଓ ମୁହଦିସ୍ (ହଦିସ୍ ବର୍ଣ୍ଣନାକାରୀ)ଙ୍କ ମଧ୍ୟରେ ମତଭେଦ ରହିଛି ଯେ, ଏହା କେବେ ସଙ୍ଘଟିତ ହୋଇଥିଲା । ମୁହଦିସ୍‌ମାନେ ଏହାକୁ ସୁଲ୍‌ହା ହୁଦେବିୟା ପରେ ଓ ଖୈବର୍ ଯୁଦ୍ଧ ପୂର୍ବରୁ ଘଟିଥିବାର ଦର୍ଶାଇଛନ୍ତି । କିନ୍ତୁ ଇତିହାସବିତ୍ ଏହାକୁ ଲେହୟାନ୍ ଯୁଦ୍ଧ ପରେ ଘଟିଥିବାର ଦର୍ଶାଇଛନ୍ତି । ଇମାମ୍ ବୁଖାରୀ ଓ ଇମାମ୍ ମୁସଲିମ୍ ଏହାକୁ ଖୈବର୍ ଯୁଦ୍ଧର ତିନିଦିନ ପୂର୍ବରୁ ଘଟିଥିବାର ବର୍ଣ୍ଣନା କରିଛନ୍ତି । ହଜରତ ମିର୍ଜା ବଶିର ଅହେମଦ ସାହେବ ର.ଅ ଏହି ଯୁଦ୍ଧ ୭ ହିଜ୍‌ରୀରେ ସଙ୍ଘଟିତ ହେବାର ବର୍ଣ୍ଣନା କରିଛନ୍ତି ।

ଏହି ଯୁଦ୍ଧର ବିସ୍ତୃତ ବ୍ୟାଖ୍ୟା ଏପରି ବର୍ଣ୍ଣିତ ରହିଛି, ଯେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କର ୨୦ଗୋଟି ଖିର ଦେବା ଓଟ ସହିତ ଅନ୍ୟ କିଛି ଓଟ ମଧ୍ୟ ଥିଲେ । ସେସବୁ ଚାରଣ ଭୂମିରେ ଚରୁଥିଲେ ଏବଂ ଜଣେ ଓଟ ଚରାଳୀ ପ୍ରତିଦିନ ସନ୍ଧ୍ୟା ସମୟରେ ସେମାନଙ୍କ ଠାରୁ ଖିର ସଂଗ୍ରହ କରି ହୁଜୁର ସ.ଅଙ୍କ ସେବାରେ ଉପସ୍ଥିତ ହେଉଥିଲା । ଏକଦା ଐନିୟା ଫୁଜାରୀ ବନୁ ଗତଫାନ୍‌ର ୪୦ଟି ଅଶ୍ୱାରୋହୀ ସହିତ ସେମାନଙ୍କ ଉପରେ ଆକ୍ରମଣ କରି ସେହି ଓଟଗୁଡ଼ିକୁ ଘେଉଡାଇ ନେଇଗଲା । ଏହି ଆକ୍ରମଣ ସମୟରେ ସେମାନେ ହଜରତ ଅବୁ ଜର୍ ର.ଅଙ୍କ ପୁତ୍ରକୁ ହତ୍ୟା କରିଦେଲେ ଯେ ସେହି ଓଟଗୁଡ଼ିକୁ ଚରାଉ ଥିଲା । ଆଉ ହଜରତ ଅବୁ ଜର୍ ର.ଅଙ୍କ ପତ୍ନୀ ଲୈଲାଙ୍କୁ କଏଦ କରି ନେଇଗଲେ । ଐନିୟା ଅହେଜାବ୍ ଯୁଦ୍ଧ ଅବସରରେ ବନୁଫୁଜା କବିଲାର ସରଦାର ଥିଲେ । ଐନିୟା ମକ୍କା ବିଜୟ ପରେ ଅଥବା ଆଉ ଏକ ବର୍ଣ୍ଣନାନୁଯାୟୀ ମକ୍କା ବିଜୟ ପୂର୍ବରୁ ଇସଲାମ ଧର୍ମରେ ଦୀକ୍ଷିତ ହୋଇଥିଲେ । ସେ ହୁନେନ୍ ଯୁଦ୍ଧରେ ଓ ତାଇଫ୍‌ରେ ମଧ୍ୟ ସାମିଲ ଥିଲେ । ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅ ତାଙ୍କୁ ବନୁ ତମିମ୍‌ର ମୂଳୋତ୍ପାଟନ ନିମନ୍ତେ ୫୦ଜଣ ଆରୋହୀମାନଙ୍କ ସହିତ ପ୍ରେରଣ କରିଥିଲେ । ସେମାନଙ୍କ ମଧ୍ୟରେ କୌଣସି ଅନ୍‌ସାରୀ ଓ ପ୍ରବାସକାରୀ ସାହାବୀ ସାମିଲ ନଥିଲେ । କିନ୍ତୁ ହଜରତ ଅବୁବକର୍ ର.ଅଙ୍କ କାଳରେ ସେ ବିପଥଗାମୀ ପାଲଟି ଯାଇଥିଲା ଏବଂ ତଲିହାଙ୍କ ଦାବି କରିବା ପରେ ତାହାର ବୈଅତ୍ କରି ତାହା ସହିତ ସମ୍ମିଳିତ ହୋଇଯାଇଥିଲା । ଯେତେବେଳେ ତାହାକୁ କଏଦ କରି ହଜରତ ଅବୁବକର୍ ର.ଅଙ୍କ ନିକଟକୁ ଅଣାଗଲା ସେତେବେଳେ ହଜରତ ଅବୁବକର୍ ତାହାକୁ ଦୟା ପୂର୍ବକ କ୍ଷମା କରି ଦେଇଥିଲେ । ସେଥିଅନ୍ତେ ସେ ପୁନର୍ବାର ଇସଲାମ ଧର୍ମ ସ୍ୱୀକାର କରିଥିଲେ ।

ଏହି ଘଟଣାର ବର୍ଣ୍ଣନ ଏପରି ଉଲ୍ଲେଖ ରହିଛି ଯେ, ଐନିୟାର ଆକ୍ରମଣ କରିବା ପୂର୍ବରୁ ହଜରତ ଅବୁ ଜର୍ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କୁ ଓଟମାନଙ୍କ ଚାରଣ ଭୂମି ଆଡ଼କୁ ଯିବା ପାଇଁ ଅନୁମତି ମାଗିଲେ । ପୁଣ୍ୟଶ୍ଳୋକ କହିଲେ; ମୋତେ ତୁମ ସମ୍ବନ୍ଧରେ ସନ୍ଦେହ ରହିଛି ଯେ, ସେହିସ୍ଥଳେ ଶତ୍ରୁ ତୁମ ଉପରେ ଆକ୍ରମଣ ନକରିଦେଉ । ଆମେ ଐନିୟା ଓ ତାହାର ସାଥୀମାନଙ୍କ ଠାରୁ ସୁରକ୍ଷିତ (ମଣ୍ଟୁ) ନାହୁଁ ଏବଂ ସେହିସ୍ଥାନ ମଧ୍ୟ ତାଙ୍କ ନିକଟବର୍ତ୍ତୀ ଅଞ୍ଚଳ । କିନ୍ତୁ ହଜରତ ଅବୁ ଜର୍ ଜିଦ୍ କରିବାରୁ ମହାଭାଗ କହିଲେ; ମୋର ଆଶଙ୍କା ରହିଛି ଯେ, ତୁମ ପୁତ୍ର ଓ ପତ୍ନୀ କଏଦ ହୋଇଯାଇ ପାରନ୍ତି ଏବଂ ତୁମେ ଏକ ଲାଠିର ସାହାର ନେଇ ପ୍ରତ୍ୟାବର୍ତ୍ତନ କରିବ । ହଜରତ ଅବୁ ଜର୍ କୁହନ୍ତି; ମୋତେ ନିଜ ପ୍ରସଙ୍ଗରେ ଆଶ୍ଚର୍ଯ୍ୟ ଲାଗୁଛି ଯେ, ହୁଜୁର ସ.ଅ ମୋତେ ବାରଣ କରୁଥିବା ସତ୍ତ୍ୱେ ମୁଁ ଜିଦ୍ ଧରି ବସିଥିଲି । କିନ୍ତୁ ଅଲ୍ଲାଃଙ୍କ ରାଣ ! ହୁଜୁର ସ.ଅ ଯେମିତି ଆଶଙ୍କା କରିଥିଲେ ଠିକ୍ ସେହିପରି ଘଟିଲା । ମୁଁ ନିଜ ଗୃହରେ ଥିଲି ଏବଂ ହୁଜୁର ସ.ଅଙ୍କର ଓଟ (ଗୁହାଳ)କୁ ଅଣା ଯାଇଥିଲେ । ଆଉ ତାଙ୍କୁ ଜଳପାନ କରାଇ ତୃପ୍ତ ଦିଆଯାଇଥିଲା ଅର୍ଥାତ ଖାଦ୍ୟ ପାନୀୟ ଦେବା ପରେ ସେମାନଙ୍କ ଠାରୁ

ଦୁଗ୍ଧ ସଂଗ୍ରହ କରିନିଆ ଯାଇଥିଲା । ସେଥିଅନ୍ତେ ଆମେ ଶୋଇ ପଡିଲୁ ଇତିମଧ୍ୟରେ ଅର୍ଥାତ ରାତ୍ରିର ଅନ୍ଧାରରେ ଐନିୟା ୪୦ଜଣ ଆରୋହଣକାରୀଙ୍କ ସହିତ ହଠାତ୍ ଆକ୍ରମଣ କରିଦେଲା । ସେମାନେ ଅଟକି ରହି ଡ଼ାକ ମାରିବାରୁ ମୋ ପୁତ୍ର ବାହାରକୁ ବାହାରିଲେ, ଯାହାକୁ ସେ ନିହତ କରିଦେଲେ ।

ଏହି ପରିପ୍ରେକ୍ଷୀରେ ହଜରତ ସଲ୍ମା ବିନ୍ ଅକୁ ଶତ୍ରୁର ପିଛା କରିବାର ମଧ୍ୟ ବର୍ଣ୍ଣନା ମିଳୁଅଛି । ସଲ୍ମା ବିନ୍ ଅକୁ ସେହି ଓଟଚୋରମାନଙ୍କ ପିଛା କଲେ ଏବଂ ବେଶ ସାହସିକତାର ସହିତ ତାଙ୍କ ଉପରେ ଆକ୍ରମଣ କଲେ ତଥା ତାଙ୍କ ଠାରୁ କିଛି ଓଟ ଛଡାଇ ଆଣିବାରେ ମଧ୍ୟ ସଫଳ ହେଲେ । ଯେତେବେଳେ ହଜରତ ମୁହମ୍ମଦ ସ.ଅଙ୍କୁ ଏସମସ୍ତ ଘଟଣାର ସୂଚନା ମିଳିଲା ସେତେବେଳେ ମଦିନାରେ ଏହି ଘଟଣା ପ୍ରଚାର କରିଦିଆଗଲା । ଏଥିରେ ବଡ଼ ବଡ଼ ସାହାବାମାନେ ଉପସ୍ଥିତ ହୋଇଗଲେ । ମହାଭାଗ ହଜରତ ସଇଦ୍ ବିନ୍ ଜୈଦ୍ ର.ଅଙ୍କୁ ଅମିର୍ ନିଯୁକ୍ତ କରି (ସାହାବାଙ୍କର ଏକ ଦଳ)କୁ ସେହି ଦୁରାଚାରୀମାନଙ୍କ ପଛରେ ପ୍ରେରଣ କଲେ ଏବଂ ସ୍ୱୟଂ ନବୀଶ୍ରେଷ୍ଠ ମଧ୍ୟ ୫୦୦ ଅବା ୭୦୦ସାହାବୀଙ୍କ ସାଥିରେ ପ୍ରସ୍ଥାନ କଲେ ।

ହଜରତ ମୁହମ୍ମଦସ.ଅ ମିକ୍ଦାଦ ବିନ୍ ଅସ୍ୱଦ ର.ଅଙ୍କ ବର୍ଚ୍ଛାରେ ଏକ ବାନା ବାନ୍ଧି ଦେଲେ । ଏହି ଅଭିଯାନ ସଂକ୍ରାନ୍ତରେ ଗୋଟିଏ ଘଟଣାର ବର୍ଣ୍ଣନା ମିଳେ ଯେ, ଇବ୍‌ନେ ଇସହାକ୍ କୁହନ୍ତି; ହୁଜୁରସ.ଅ କହିଲେ; ଅବୁ ଅୟାସ୍ କ'ଣ ତୁମେ ନିଜ ଘୋଡ଼ା ଏପରି କୌଣସି ବ୍ୟକ୍ତିକୁ ଦେବ ନାହିଁ, ଯେ ତାହାକୁ ଚାଳନା କରିବାରେ ତୁମ ଠାରୁ ଶ୍ରେୟସ୍କର ହୋଇଥିବ । ଯଦ୍ୱାରା ସେ ଶୀଘ୍ର ଯାଇ ଶତ୍ରୁ ନିକଟରେ ପହଞ୍ଚି ଯିବ । ହଜରତ ଅବୁ ଅୟାସ୍ ଉତ୍ତର ଦେଲେ, ହେ ଅଲ୍ଲାଃଙ୍କ ରସୁଲ ! ମୁଁ ତ ଜଣେ ଉତ୍ତମ ଘୋଡ଼ା ଚାଳକ । ସେଥିଅନ୍ତେ ସେ ନିଜ ଘୋଡ଼ାକୁ ଦୌଡ଼ାଇଲେ କିନ୍ତୁ ମାତ୍ର ୫୦ଗଜ ଆଗକୁ ଅଗ୍ରସର ହୋଇଥିବି ଯେ ମୋ ଘୋଡ଼ା ନିଜ ପିଠି ଉପରୁ ମୋତେ ତଳକୁ ପକାଇ ଦେଲା । ଏଥିରେ ମୁଁ ହୁଜୁର ସ.ଅଙ୍କ ଉକ୍ତି ମନେକରି ଆଚମ୍ବିତ ହେଲି ଯେ, ନିଜ ଠାରୁ ଭଲ ଘୋଡ଼ା ଚାଳକକୁ ନିଜ ଘୋଡ଼ା ଦେଇଦିଅ । ତେବେ ହୁଜୁରସ.ଅ ହଜରତ ଅବୁ ଅୟାସ୍ ର.ଅଙ୍କର ଘୋଡ଼ା ହଜରତ ମାଜ୍ ବିନ୍ ମାଆସ୍ ର.ଅଙ୍କୁ ପ୍ରଦାନ କରିଦେଲେ । ଏହି ଯୁଦ୍ଧରେ ସାହାବା ଅତି ବିରତା ଓ ଉତ୍ସର୍ଗୀ ପୂର୍ଣ୍ଣତାର ସହିତ ଶତ୍ରୁର ମୁକାବିଲା କଲେ ଏବଂ କେତେକ ସାହାବା ନିଜ ଶୌର୍ଯ୍ୟ ପ୍ରଦର୍ଶନ କରି ବିରଗତି ପ୍ରାପ୍ତ କରିଥିଲେ । ଖୁତ୍‌ବାର ପରିଶେଷରେ ମହାମହିମ ହୁଜୁର ଅନୱରଅ.ବ କହିଲେ; ଏହି ଘଟଣାଚକ୍ର ଆସନ୍ତାରେ ମଧ୍ୟ ଜାରି ରହିବ । ଇନ୍‌ଶାଅଲ୍ଲାଃ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

24th January 2025

*Translated to Odia by :* Moulavi Anwar Ahmad Khan